ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/ ୧୯୧-୨-୪




**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୯**

# ପିଲାଙ୍କ ବେକର ଫାଶ ନହେଉ ବାପା-ମାଆଙ୍କ ଇଚ୍ଛା



ଯୁଧିଷ୍ଠିର ମହାରଣା

ରାଜସ୍ଥାନର କୋଟା ସହର ପୂର୍ବରୁ ଚର୍ଚ୍ଚାରେ ରହିଆସିଛି । ହେଲେ ଏବେ ଯେଉଁ ପ୍ରସଙ୍ଗକୁ ନେଇ କୋଟା ଚର୍ଚ୍ଚାରେ ତାହା ପ୍ରତିଟି ବ୍ୟକ୍ତିଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି । ରବିବାର ଏଠାକାର କୋଚିଂ ସେ[ରରେ ଆଉ ଦୁଇଜଣ ଛାତ୍ର ଆତ୍ମହତ୍ୟା କରିବା ପରେ ଚଳିତ ବର୍ଷ ଆତ୍ମହତ୍ୟା କରିଥିବା ଛାତ୍ରଙ୍କ ସଂଖ୍ୟା ୨୪ରେ ପହଂଚିଛି । ଯାହା ଏକ ଗମ୍ଭୀର ମାମଲା । ନିକଟରେ ପୁଣି ଦୁଇଜଣ ଛାତ୍ର ଆତ୍ମହତ୍ୟା କରିଥିବାର ଜଣାଯାଇଛି । ଏମାନେ ଡାକ୍ତରୀ ପଢ଼ିବା ଆଶାରେ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ କୋଚିଂ ନେଉଥିଲେ । ସେମାନେ ପରୀକ୍ଷା ହଲରୁ ବାହାରିବାର ମାତ୍ର କିଛି ସମୟ ପରେ ଆତ୍ମ ହତ୍ୟା କରିଥିବାର ଜଣାଯାଇଛି । ଦୁଇଜଣ ଛାତ୍ରଙ୍କ ଭିତରୁ ଜଣେ ମହାରାଷ୍ଟ୍ରର ଏବଂ ଅନ୍ୟ ଜଣେ ବିହାରର ବୋଲି ଖବରରୁ ଜଣାଯାଇଛି । ମହାରାଷ୍ଟ୍ର ଲାଟୁର ଜିଲ୍ଲାର ଆବିଷ୍କାର ସମ୍ଭାଜି କସଲେ ଦ୍ୱାଦଶ ଶ୍ରେଣୀ ଛାତ୍ର ଥିଲେ । ସେ ଗତ ତିନିବର୍ଷ ଧରି ନିଟ ଯୁଜି ପାଇଁ କୋଟାରେ ରହି ପ୍ରସ୍ତୁତି ଚଳାଇଥିଲେ । ସେ ପଢୁଥିବା କୋଚିଂ ସେ[ରରେ ପରୀକ୍ଷା ଦେବାର କିଛି ସମୟ ପରେ ଇନଷ୍ଟିଚ୍ୟୁଟ ବିଲ୍ଡିଂର ଛଅ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ବିହାରର ଆଦର୍ଶ ରାଜ ସନ୍ଧ୍ୟା ୭ଟାରେ ସେ ରହୁଥିବା ଭଡ଼ା ଘରେ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି । ଅନ୍ୟପଟେ ଏନସିଆରବି ରିପୋର୍ଟ ଅନୁସାରେ ଦେଶରେ ଛାତ୍ର-ଛାତ୍ରୀଙ୍କ ଆତ୍ମହତ୍ୟା ବଢ଼ିବାରେ ଲାଗିଛି । ୨୦୨୪ରେ ଦେଶରେ ୧୩ ହଜାରରୁ ଅଧିକ ଛାତ୍ର ଆତ୍ମହତ୍ୟା କରିଥିଲେ । ଅର୍ଥାତ୍ ଦୈନିକ ୩୫ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି । ୨୦୨୩ ମସିହା ତୁଳନାରେ ଏହି ସଂଖ୍ୟା ୫% ଅଧିକ । ଆଉ ଏହି ଆତ୍ମହତ୍ୟା ପଛର ସବୁଠୁ ବଡ଼ କାରଣ ହେଉଛି ପାଠ ପଢ଼ା ଏବଂ ପରୀକ୍ଷାରେ ବିଫଳ ହେବା । ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମର କୋଚିଂ ପାଇଁ କୋଟା ଖ୍ୟାତିଲାଭ କରିଥିଲା ବେଳେ ବର୍ଷକୁ ୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏଠାରେ ବିଭିନ୍ନ କୋଚିଂ ସେ[ରରେ ଦାଖିଲା ନେଉଛନ୍ତି । ତେବେ ଏଠାରେ କୋଚିଂ ନେଲେ ଯେ ସଫଳତା ମିଳିବ ତାହା ଭାବିବା ଭୁଲ । ସଫଳତା ହାର ମାତ୍ର ୨% । ଅର୍ଥାତ୍ ୯୮% ଛାତ୍ରଛାତ୍ରୀ ଯେଉଁ ଲକ୍ଷ୍ୟ ନେଇ ଆସୁଛନ୍ତି ସେମାନେ ବିଫଳ ହେଉଛନ୍ତି । ଛାତ୍ରମାନଙ୍କ ମଧ୍ୟରେ ବଢୁଥିବା ଏହି ଆତ୍ମହତ୍ୟା ପ୍ରବଣତା ସ୍ୱାଭାବିକ ଏହି ପ୍ରଶ୍ନକୁ ଉଜାଗର କରୁଛି ଯେ, ଆମେ କେଉଁ ପ୍ରକାରର ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରୁଛେ ଯାହାଦ୍ୱାରା ସାମାନ୍ୟ ବିଫଳତା ପାଇଁ ଜୀବନ ହାରିବାକୁ ଛାତ୍ରଛାତ୍ରୀମାନେ ବାଧ୍ୟ ହେଉଛନ୍ତି । କାହିଁକି ସେମାନଙ୍କ ମନରେ ଏହି ଆତ୍ମବିଶ୍ୱାସ ଜନ୍ମ ନେଉନାହିଁ ଯେ ଡାକ୍ତର କିମ୍ବା ଇଞ୍ଜିନିୟର ହୋଇନପାରିଲେ ଅନ୍ୟ ଧାରାରେ ମଧ୍ୟ ସଫଳତା ମିଳିପାରିବ । ଏହିସବୁ ପ୍ରଶ୍ନର ଉ□ର ରହିଛି ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ପରିବାର ନିକଟରେ । କେନ୍ଦ୍ର ସରକାର ନୂଆ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏହି ଶିକ୍ଷାନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଉପରେ ପାଠପଢ଼ାର ଚାପ କମ କରିବା ଏବଂ ସେମାନଙ୍କ ମାନସିକ ସ୍ଥିତିକୁ ଦୃଢ଼ କରିବା । ବହିବସ୍ତାନି ବୋଝ ହ୍ରାସ ସହ ସରଳ ଓ ସହଜ ପରୀକ୍ଷା ବ୍ୟବସ୍ଥା, ରୁଚି ଅନୁଯାୟୀ ପାଠ୍ୟକ୍ରମ ଚୟନର ବ୍ୟବସ୍ଥା କରାଯାଇଛି । ନିଜେ ପ୍ରଧାନମନ୍ତ୍ରୀ ବାରମ୍ବାର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ପାଇଁ ଉଦ୍ୟମ ମଧ୍ୟ କରୁଛନ୍ତି । ହେଲେ ଏହି ବ୍ୟବସ୍ଥାରେ ସବୁଠୁ ବଡ଼ ବାଧକ ହେଉଛନ୍ତି ଅଭିଭାବକ । ବାପା-ମାଆଙ୍କ ମୁଣ୍ଡରେ ଏହି ଧାରା ପଶିଯାଇଛି ଯେ, ଯଦି ମୋ ପୁଅ କିମ୍ବା ଝିଅ ଭଲ କୋଚିଂରେ ନାମ ନଲେଖାଏଁ ତେବେ ଡାକ୍ତର କିମ୍ବା ଇଞ୍ଜିନିୟର ହୋଇପାରିବ ନାହିଁ । ନବମ କ୍ଲାସରୁ ପିଲାକୁ ନିଜ ପାଖରେ ଛାଡ଼ି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୋଟାର ଭଡ଼ାଘରେ ରଖିବାକୁ ସେମାନେ ପସନ୍ଦ କରୁଛନ୍ତି । ପିଲାଙ୍କ ଆଗମନ ଏବଂ ଅଭିଭାବକ ମାନଙ୍କ ଆଗ୍ରହକୁ ଦେଖି କୋଟାର କୋଚିଂ ଇଣ୍ଡଷ୍ଟ୍ରି ବଢ଼ିବାରେ ଲାଗିଛି । ଆଜିର ଦିନିରେ ଏହି କୋଚିଂ ଇଣ୍ଡଷ୍ଟ୍ରିର କାରବାର ୫୮ ହଜାର କୋଟିରୁ ଅଧିକରେ ପହଂଚିଛି । ଅର୍ଥାତ୍ ପାଠ ପଢ଼ା ଅପେକ୍ଷା କୋଚିଂ ସେଂଟର ବେପାରକୁ ଗୁରୁତ୍ୱ ଦେଉଛି । ଏପରି ମାର୍କେଟିଂ ଚାଲିଛି ଯେ, କୋଟା ଷ୍ଟେସନ ଓହ୍ଲାଇଲେ ରିକ୍ସାବାଲା, ଅଟୋବାଲା ଅଭିଭାବକଙ୍କୁ ନେଇ ଖୁସିରେ ଖୁସିରେ ପହଂଚି ଯାଉଛନ୍ତି କୋଚିଂ ସେଂଟରମାନଙ୍କରେ । ଯେଉଁମାନେ ପାଠ ପଢୁଛନ୍ତି ସମସ୍ତେ ଉତୀର୍ଣ୍ଣ ହେବେ ତାହା ଭାବିବା ଭୁଲ । ସେଠାରେ ଏପରି ଏକ ପ୍ରତିଯୋଗିତାର ମାହୋଲ ସୃଷ୍ଟି ହେଉଛି ଯାହା ପିଲାଙ୍କୁ ବ୍ୟତିବ୍ୟସ୍ତ କରୁଛି । ସେହିପରି ବାପା-ମାଆଙ୍କ ଡାକ୍ତର ଓ ଇଞ୍ଜିନିୟର ହେବାର ଜିଦ୍, ପ୍ରଚୁର ଅର୍ଥ ଖର୍ଚ୍ଚ ପିଲାଙ୍କ ମାନସିକତାକୁ ପ୍ରଭାବିତ କରୁଛି । ଯେଉଁ କାରଣରୁ ସାମାନ୍ୟ ବିଫଳତା ପାଇଁ ସେମାନେ ଜୀବନ ଦେବାକୁ ପଛାଉ ନାହାଁନ୍ତି । କାହିଁକି ଏକ କୋଟା ମାନିଆ ? କାହିଁକି ପିଲାଙ୍କ ଉପରେ ଡାକ୍ତର କିମ୍ବା ଇଞ୍ଜିନିୟର ବନିବାର ମାନସିକ ଚାପ ? ଏହି ଭୟଙ୍କର ପରିସ୍ଥିତି ସେତେବେଳେ ଦୂର ହେବ ଯେତେବେଳେ ବାପା-ମାଆ ପଲାର ରୁଚି ଓ ଆଗ୍ରହକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ଆଗେଇ ଆସିବେ । ଏହା ସତ ଯେ ପ୍ରତି ବାପା-ମାଆଙ୍କର କିଛି ନା କିଛି ସ୍ୱପ୍ନ ପଲାକୁ ନେଇ ରହିଛି । ମାତ୍ର ଏହି ସ୍ୱପ୍ନ ଯେ ଜୀବନ ନେଇପାରେ ତାକୁ ସେମାନେ ବୁଝିବା ଦରକାର । ଯେ ପର୍ଯ୍ୟନ୍ତ ଅଭିଭାବକମାନେ ଏହି କୋଚିଂ ମାନିଆରୁ ମୁକ୍ତ ହୋଇନାହାଁନ୍ତି ସେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏଥିସହ କୋଟା ହେଉ କିମ୍ବା ଦେଶର ଅନ୍ୟ ସ୍ଥାନରେ ଥିବା କୋଚିଂ ସେଂଟର କର୍ତୃପକ୍ଷ ମଧ୍ୟ ପିଲାଙ୍କ ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ତୀବ୍ର ପ୍ରତିଯୋଗିତାମୂଳକ ପରୀକ୍ଷାରୁ ଦୂରେଇ ରହିବା ଆବଶ୍ୟକ । ଏହି ସଂସ୍ଥାମାନେ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା ଦୌଡ଼ରେ ସାମିଲ କରନ୍ତୁ ଏଥିରେ ଆପତି ନାହିଁ । ମାତ୍ର ଏଥିସହ ସେମାନଙ୍କୁ ଜୀବନର ବାସ୍ତବତା ସମ୍ପର୍କରେ ପରିଚୟ କରାଇବାର ଆବଶ୍ୟକତା ଅଛି । ଜାତୀୟ ଶିକ୍ଷାନୀତି ଚାପମୁକ୍ତ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛି । ହେଲେ ଆମେ ତଥା ଅଭିଭାବକ ଚାପଯୁକ୍ତ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପିଲାଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛୁ । ଯେ ପର୍ଯ୍ୟନ୍ତ କୋଚିଂ ମାନିଆ ଆମ ମୁଣ୍ଡରୁ ନଯାଇଛି ସେ ପର୍ଯ୍ୟନ୍ତ ଏଭଳି ଅଘଟଣକୁ ଆଦୌ ରୋକାଯାଇପାରିବ ନାହିଁ ।

ଏବେ ଦେଖାଯାଉଛି ବିଫଳତାକୁ ସାମ୍ନା ନକରିବା ପାଇଁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟାର ବାଟକୁ ବାଛି ନେଉଛନ୍ତି । ବାପା ମା'ଙ୍କ ଇଛା ଏବଂ ସ୍ୱପ୍ନକୁ ସାକାର କରିନପାରିବାର ଗ୍ଲାନି ସେମାନଙ୍କୁ ଏଭଳି କରିବାକୁ ବାଧ୍ୟ କରାଉଛି ବୋଲି ଆତ୍ମହତ୍ୟାର ଧାରାକୁ ଦେଖିଲେ ବେଶ ଜଣାଯାଉଛି । ଆଜିର ବାପା ମା' ପିଲାଙ୍କ ଉପରେ ସେମାନଙ୍କ ଇଛାକୁ ଲଦି ଦେଉଛନ୍ତି । ପିଲାମାନେ ବାପାମା'ଙ୍କର ପରିଚୟ ପାଲଟିଛନ୍ତି । ପିଲାମାନଙ୍କୁ ଯିଏ ଯେତେ ଯୋଗ୍ୟ କରାଇପାରୁଛି ସିଏ ସେତେ ସଫଳ ବାପା ମା' ବୋଲି ଜଣାଯାଉଛି । ଏହା ଏକ ପ୍ରତିଯୋଗିତା ପାଲଟିଛି । ଏ ପ୍ରତିଯୋଗିତାର ଶିକାର ହେଉଛନ୍ତି ପିଲାଏ । ଯୋଗ୍ୟତା କହିଲେ ଆଜିର ବାପା ମା' ଡାକ୍ତର, ଇଞ୍ଜିନିୟର ହେବାକୁ ବୁଝୁଛନ୍ତି । କେବଳ ଉଚ୍ଚ ବେତନର ଚାକିରି କରି ହେବ କେଉଁ ପାଠ ପଢ଼ିଲେ ସେ ଦିଗକୁ ବାପା ମା ଅଧିକ ଧ୍ୟାନ ଦେଉଛନ୍ତି । ପିଲାଟି ଭଲ ମଣିଷ ହେବ ଏବଂ ସମାଜରେ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ଏ ଦିଗକୁ ଆଜିର ବାପା ମା' ବିଶେଷ ଗୁରୁତ୍ୱ ଦେଉନାହାନ୍ତି । ଭଲ ଶିକ୍ଷକଟିଏ, ଭଲ ଅଧ୍ୟାପକଟିଏ କିମ୍ବା ମୂଲ୍ୟବୋଧି ରାଜନେତାଟିଏ ସେମାନଙ୍କ ପିଲାଏ ହୁଅନ୍ତୁ ଏଭଳି ସ୍ୱପ୍ନ ଆଜିର ବାପା ମା ମାନେ ଦେଖୁନାହାନ୍ତି । ବାପା ମା'ଙ୍କର ସ୍ୱପ୍ନ ଯଦି ହେଉଥାନ୍ତା ସେମାନଙ୍କ ପିଲା ଜଣେ ଜଣେ ଦୁର୍ନୀତିମୁକ୍ତ ବ୍ୟକ୍ତି ହୁଅନ୍ତୁ ତାହେଲେ ଆଜି ଯୁବକଙ୍କ ଭିତରେ ଦୁର୍ନୀତି ପ୍ରବଣତା ବଢୁନଥାନ୍ତା । ଆମେ କ'ଣ ଜୋର ଦେଇ କହିପାରିବା ଆଜିର ଯୁବକମାନେ ଦୁର୍ନୀତି ପ୍ରବଣ ନୁହଁନ୍ତି ବୋଲି ? ଏବେ ସମୟ ଆସିଛି ବାପା ମା' ସେମାନଙ୍କ ପିଲାମାନଙ୍କୁ ଏମିତି ଭାବେ ଗଢ଼ନ୍ତୁ ସେମାନଙ୍କ ଉପରେ ଏଭଳି ଚାପ ପକାନ୍ତୁ ଯେଭଳି ସେମାନେ ଆଗାମୀ ଦିନରେ ଏକ ଭିନ୍ନ ଭାରତବର୍ଷ ଗଢ଼ି ପାରିବେ, ଯେଉଁଠି ଦୁର୍ନୀତିର ସ୍ଥାନ ନଥିବ । ପିଲାଙ୍କୁ ଡାକ୍ତର, ଇଞ୍ଜିନିୟର କରାଇବାର ସ୍ୱପ୍ନ ଦେଖନ୍ତୁ ମନା ନାହିଁ କିନ୍ତୁ ସେମାନଙ୍କ ଭିତରେ ବିବେକହୀନତାର ଭୂତାଣୁ ନରହୁ । ପିଲାଙ୍କୁ ନିଜ ଭଳି ହେବାକୁ ଦିଅନ୍ତୁ ବାପା ମା' । ସମସ୍ତେ ଯେ ଡାକ୍ତର, ଇଂଜିନିୟର ହେବେ ତାହା କେବେ ବି ସମ୍ଭବ ନୁହେଁ । ଡାକ୍ତର ଇଂଜିନିୟର ହେବା ଏକମାତ୍ର ସଫଳ ନୁହେଁ । ଜଣେ ଉତମ ନାଗରିକ ହେବା ଏବଂ ମୂଲ୍ୟବୋଧି ମଣିଷ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଜିର ଦିନରେ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୧୬୩୫୨୮*

# ଆତ୍ମହତ୍ୟା : ଦିନକୁ ଯାଉଛି ୧୨ ଜୀବନ



ପ୍ରଫେସର ଡାକ୍ତର ସମ୍ରାଟ କର

ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ । ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି । ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି । ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା । ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି । ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତା । ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତନ କରିବା' ('ଉଷବଭଶସଭଶ ଶ୍ୱଷର ଘବଙ୍କ-କ୍ୱବଶ୍ୱସଙ୍ଗର କ୍ଟଭ ଝଙ୍କସମସୟର') । ଆତ୍ମହତ୍ୟା କରିଦେଲେ ଯେ ସବୁକିଛିର ସହଜ ସମାଧାନ ହୋଇଯାଏ ତାହାନୁହେଁ ବରଂ ଏହାର କୁପ୍ରଭାବ ତମାମ ପରିବାର, ସମ୍ପ୍ରଦାୟ, ସମାଜ ଓ ସର୍ବୋପରି ସମଗ୍ର ଦେଶ ଉପରେ ପଡ଼ିଥାଏ । ସାରା ଜୀବନ ଆପଣାର ଲୋକମାନେ ଝୁରି ହୁଅନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୭୨,୬୦୦୦ ଜଣ ଜୀବନ ହାରୁଛନ୍ତି । କେବଳ ସେତିକି ନୁହେଁ ଏହାଠାରୁ ଅଧିକ ଜଣ ବରଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି । ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟନ ତଥ୍ୟ ଅନୁଯାୟୀ ଗତବର୍ଷ ପୃଥିବୀରେ ଯେତେଜଣଙ୍କର ଜୀବନ ଦୀପ ନିର୍ବାପିତ ହୋଇଥିଲା ସେମାନଙ୍କ ଭିତରୁ ୧୫ରୁ ୨୯ ବର୍ଷ ବୟସ୍କଙ୍କ ମୃତ୍ୟୁର ତୃତୀୟ ପ୍ରମୁଖ କାରଣଟି ହେଉଛି ଆତ୍ମହତ୍ୟା । ତେବେ ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି । ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି । ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୨୪ରେ ମୋଟ ୧,୯୪,୮୧୩ ଲୋକ ଆତ୍ମହତ୍ୟା କରିଛନ୍ତି । ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ । ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ । ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ । ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ । ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ । ଭାରତରେ ବି ମେ[ଲ ହେଲ୍ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି । ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତମ ବ୍ୟବସ୍ଥା ବି ରହିଛି । ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି । ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ । ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ । ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ । ଜୀବନର ହୁଏତ କିଛିକାଂଶର ରହସ୍ୟମୟ ଉପଲବ୍ଧିର ପ୍ରାପ୍ତିକୁ ହାତ ପାହାନ୍ତରୁ ବିଚ୍ୟୁତ ହୋଇଯାଇଥିବାରୁ କିମ୍ବା କିଛି ଜୀବନ ସମସ୍ୟା ଅସମାହିତ ରହିଗଲେ ବା ସେପରି କଷ୍ଟକର ପରିସ୍ଥିତିଟି ଅତ୍ୟନ୍ତ ଦୁଃଖଦ ଓ ଉତ୍କଟ ହୋଇଗଲେ ମନୁଷ୍ୟ ଆତ୍ମହତ୍ୟା କରିଥାଏ । ତେବେ ବାସ୍ତବ କଥା ହେଉଛି ଆତ୍ମହତ୍ୟାକୁ ରୋକିବା ପାଇଁ ସବୁକିଛି ନିନ୍ଦା, ଅପବାଦ, ସଂକୋଚ, ଲଜ୍ୟାକୁ ପଛରେ ରଖି ନିଃସଙ୍କୋଚରେ ଆଲୋଚନା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ । ଯାହାଦ୍ୱାରା ସମସ୍ୟାଟି ଯେଉଁ ପ୍ରକାର ବା ଯାହା ହେଉଥାଉନା କାହିଁକି ହୁଏତ ଏହା ଆଲୋଚନାର ପରିଧିକୁ ଆସିଲେ ଜଣେ ହୁଏତ ଜୀବନ ହାରିବା ପରି ନିଷ୍ଠୁର ନିଷ୍ପତିରୁ ବିରତ ହୋଇପାରେ । କାରଣ ସମସ୍ୟାଟି ଯେତେ କଠିନ ବା ଗମ୍ଭୀର ହେଉନା କାହିଁକି ଏହା ତ ଚିରସ୍ଥାୟୀ ନୁହେଁ ନା!! ଯାହାକି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିବା ଅନେକଙ୍କ କ୍ଷେତ୍ରରେ ଦେଖାଯାଇଛି କାରଣ ସେହିମାନେ ପରବର୍ତୀ ସମୟରେ ହସଖୁସିର ସଂସାରକୁ ଆଗେଇ ନେଇ ସନ୍ତୋଷଜନକ ଜୀବନ ଅତିବାହିତ କରିଛନ୍ତି । ତେବେ ବିଷାଦ ଓ ନିଶାଦ୍ରବ୍ୟର ବ୍ୟବହାର ହିଁ ଆତ୍ମହତ୍ୟାଟିକୁ ମାନସିକ ବିକୃତି ସହିତ ଯୋଡ଼ି ଦେଇଥାଏ । ଏହାସହ ଅସୁସ୍ଥତା ହେଉ ବା ସମ୍ପର୍କ ବିଭ୍ରାଟ, ଆର୍ଥିକ ସମସ୍ୟା ହେଉ ବା କେଉଁ ପରିଜନର ଅକାଳ ପରଲୋକ ଏଭଳି ଆକସ୍ମିକ ସଙ୍କଟ କିଛିକାଂଶରେ ଆତ୍ମହତ୍ୟା କରିବା ପାଇଁ ପ୍ରେରିତ କରିଥାଏ । କିନ୍ତୁ ଜୀବନ ହିଁ ଜୀବନ ଏହାକୁ ବୁଝିବା କଥା ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ

# ମହାନ୍ ବିପ୍ଳବୀ - ବାଘା ଯତୀନ୍



ଅକ୍ଷୟ କୁମାର ରାଉତ

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ । ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ । ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ । ଯାହାର କ□ବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୁଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରହିବା ବିଧେୟ । ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା । ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ । ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ । ସେ ଦିନେ ଖେଳପଡ଼ିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ । ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ । ସେୟା ହେଲା କୁକୁରଟି ପଳାଇଗଲା । ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ । ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା । ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ । ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ । ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ । ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ । ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ । ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ । ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା । ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ । ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ । ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା । ଦିନକର ଘଟଣା । ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି । ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ । ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା । ଲଢ଼େଇରେ ବାଘଟି ମରିଗଲା । ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ । ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ । ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ । ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା । ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡ଼ି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି । ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ । ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ । ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ । ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଂଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ । ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା । ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ । ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ । ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା । ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ । ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ । ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ । ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କୁ ଦେଶରୁ ତଡିବା । ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ । ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ । ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡ୍□ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା । ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ । କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ । ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ । ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ । ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ । ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା । ତେଣୁ ଯତୀନ୍ ପଞ୍ଜାବ ପଳାଇଲେ । ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ । ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ । ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା । ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା । ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା । ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ । ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚି□ପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ । ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା । ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ । ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ । ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି । ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି । ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ । ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ । ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ । ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ । କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ । ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ । ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ । ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ । ଇଂରେଜ ସୈନିକଙ୍କ ଗୁଳିରେ ଚି□ପ୍ରିୟ ଟଳିପଡିଲେ । ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ । ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ପାଣି ପାଣି ବୋଲି ଚିତ୍କାର କଲେ । ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ । ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ । ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ । ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ । ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି ।

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫

# ଓଡ଼ିଶାରେ ବିଜେପିର ସ୍ଥାୟୀ ସରକାର ଲୋକମାନଙ୍କର ଦରକାର

**ଶ୍ରୀ ସୁବୋଧ କୁମାର କାନୁନ୍‌ଗୋ**

ଗଲା ବି.ଜେ.ଡ଼ି ସରକାରରେ ୨୪-୨୫ବର୍ଷ ଧରି ଆଖିଦୁଶିଆ ପ୍ରକଳ୍ପ କଲାନାହିଁ । କେବଳ ଜନସାଧାରଣଙ୍କ ପଇସାରେ ଜନସାଧାରଣଙ୍କୁ ଅର୍ଥଦେଇ ଭୋଟ କିଣିବାରେ ବ୍ୟସ୍ତ ରହିଗଲା, ଯଥା କାଳିଆ ଯୋଜନା ୩/୪ ହଜାର ଟଙ୍କା ଲୋକମାନଙ୍କୁ ଦେଇ ଭୋଟ୍ କିଣିବାରେ ସତତ ବ୍ୟସ୍ତ ରହିଗଲା । ଛାତ୍ରମାନଙ୍କୁ ୧୦ହଜାର ଟଙ୍କା ଦେଇ ପିତା ଓ ମାତାଙ୍କୁ ମୋହିତ କରି ଭୋଟ କିଣିବା, ମସ୍‌ଜିଦ୍, ଚର୍ଚ୍ଚ ଓ ମନ୍ଦିରକୁ ହଜାର ହଜାର କୋଟି ବିତରଣ କରି Modification ନାମରେ ଭୋଟ କିଣିଲା । ସମସ୍ତଙ୍କୁ ହାତ କବଳରେ ରଖି କରି ମୁଷ୍ଟିମେୟ ଲୋକଙ୍କୁ ରଖି ଖୁସି କରିବାରେ ଚେଷ୍ଟା କଲେ । ବୁଦ୍ଧିଜୀବୀମାନେ ବିରତ ରହି ଭୋଟ ଦେଲେ ନାହିଁ । ର୍ବତମାନ ଏ ସରକାର ସେଥିରୁ ଶିକ୍ଷା କରି ବଡ଼ ବଡ଼ ପ୍ରୋଜେକ୍ଟ କଲେ, କଂଗ୍ରେସ ସରକାର ଯେତେବର୍ଷ ଶାସନ କଲା, ଏ ସରକାର ମଧ୍ୟ ବଡ଼ ବଡ଼ ପ୍ରୋଜେକ୍ଟ କରି ଲୋଭାଭିମୁଖୀ କାର୍ଯ୍ୟ କରି ୭୪ବର୍ଷ ଶାସନ କରି ସହଯୋଗ, ଯଥା- ୭୫ ହଜାର କି.ମି. ରାସ୍ତା ଆନ୍ତର୍ଜାତିକସ୍ତରର ୨୦୩୬ ଉନ୍ନୟନକୁ ଆଖି ଆଗରେ ରଖି ବ୍ରାହ୍ମଣୀ, ବୈତରଣୀ, ମହାନଦୀ, ବଂଶଧାରା, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, କାଠଯୋଡ଼ି ଏମିତି ବଡ଼ ବଡ଼ ନଦୀ କୂଳରେ ଉଚ୍ଚା ରାସ୍ତା ନିର୍ମାଣ କରି ଜନସାଧାରଣଙ୍କ ଯାତାୟତ, ପରିବହନ, ବୃଦ୍ଧି ହେବା ସଙ୍ଗେ ସଙ୍ଗେ, ଜଳସେଚନର ସୁବିଧା କରି ଜନସାଧାରଣଙ୍କର ଶସ୍ୟ ଉତ୍ପାଦନରେ ବୃଦ୍ଧି, ବନ୍ୟା, ବାତ୍ୟାରେ ଜଳ ବିପ୍ୱାତ ଦାଉରୁ ରକ୍ଷା ପାଇପାରିବା ଏବଂ ସେଥିଲାଗି ବ୍ୟାରେଜ ଉର୍ଚ୍ଚା କଲେ, ଜନସାଧାରଣମାନେ ସେମାନଙ୍କ ଜୀବନ, ଧନର ବିପ୍ୱାତି ଓ କ୍ଷୟକ୍ଷତିରୁ ରକ୍ଷା ପାଇପାରିବେ । ଜଳ ସଂରକ୍ଷଣ କରି ଜାହାଜ ଚଳାଚଳ, ଜଳସେଚନ ବିଭାଗ ରାସ୍ତା ନିର୍ମାଣ କରି ଜନସାଧାରଣଙ୍କ ଯାତାୟତ, ପରିବହନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଜଳସେଚନର ସୁବିଧା ଜନସାଧାରଣଙ୍କର ଶସ୍ୟ ଉତ୍ପାଦନରେ ବୃଦ୍ଧି, ବନ୍ୟା, ବାତ୍ୟାରେ ଜଳ ପ୍ରକୋପରୁ ରକ୍ଷା ପାଇପାରିବେ । କିନ୍ତୁ ସେହି ନିର୍ଦ୍ଦିଷ୍ଟ ଅଳରେ ଜଳସେଚନ ବିଭାଗ ରାସ୍ତା ନିର୍ମାଣ କରିବାର ସୁଯୋଗ ରାସ୍ତା କରିବାର ଘ.ଙ.ଉ. ବା No objection certificatର ଦେଉନାହିଁ । ତା'ପରିବର୍ତେ ବନ୍ୟା, ବାତ୍ୟା, ହେଲେ ରିଲିଫ୍ ବନ କରି ଓଡ଼ିଶା ରାଜକୋଷରୁ କୋଟି କୋଟି ଟଙ୍କା ଅର୍ଥ ଶ୍ରାଦ୍ଧ ହେଉଛି । କିନ୍ତୁ ଆସୀନ ବି.ଜେ.ପି ସରକାର ଯଦି ଏପରି କାର୍ଯ୍ୟ କରନ୍ତେ- 'ନାମୋ' - (ନରେନ୍ଦ୍ର ମୋଦୀ) ଏକ୍ସପ୍ରେସ୍ Highway ଅମ୍ବାବନା (ବରଗଡ଼ ଜିଲ୍ଲା) ଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ମୋଟୁ ଠାରୁ ମୟୁରଭଞ୍ଜ ତିରିଙ୍ଗୀ ଅଟଳ ଏକ୍ସପ୍ରେସ Highway ଏବଂ ବ୍ରହ୍ମପୁର-ଜୟପୁର Express Highway ଯଦି ତିଆରି କରାଯାଏ, ଏ ସରକାରର ବଡ଼ Acheivement ହୋଇପାରନ୍ତା । ସରକାରଙ୍କ ପାଖେ ଅର୍ଥ ବ୍ୟବସ୍ଥାର ଅଭାବ ନାହିଁ ଏସବୁ Project କରିବା ପାଇଁ ସରକାର Deisel-petrol ରେ ୫ଟଙ୍କା ଲିଟର ପିଛା cash ଆଦାୟ କରିବେ । ତା'ହେଲେ ବଡ଼ ବଡ଼, ପ୍ରୋଜେକ୍ଟ ହେବ । ସ୍ୱାସ୍ଥ୍ୟ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ ପାଇଁ ଖଣି ଠାରୁ ସେସ୍ ଆଦାୟ ହୋଇ ଉନ୍ନତି କାମ ମଧ୍ୟ ହୋଇପାରିବ ଓ ଜନସାଧାରଣଙ୍କ ଜୀବିକାର୍ଜ୍ଜନ ମଧ୍ୟ ସୁଧୁରିପାରିବ । ଏ ସରକାର ବା ଆସୀନ ବି.ଜେ.ପି ସରକାର ଦୀର୍ଘସ୍ଥାୟୀ ହୋଇପାରିବ ।

ବି.ଜେ.ପି ସରକାର ଆସୀନ ବେଳେ ଏକଥା ବିଚାର କରିଛନ୍ତି- ନା ନାହିଁ ତା ମଧ୍ୟ ମୁଁ ଜାଣିନାହିଁ । କିନ୍ତୁ ଅତୀତରେ ଦେଖାଯାଇଛି- ବି.ଜେ.ଡ଼ି ସରକାରରେ Speed-up work teanding process ରେ କାର୍ଯ୍ୟାନ୍ୱିତ ହେବା ପାଇଁ ଜଳସେଚନ ସଚିବ ବା ପ୍ରାକ୍ତନ ସମ୍ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିଲା ଓ ପ୍ରଦୀପ୍ତ ମହାପାତ୍ର, ଯେତେବେଳେ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ଥିଲେ, ସ୍ୱାସ୍ଥ୍ୟ ପ୍ରକଳ୍ପର ଏକ ୧୨୦୦କୋଟି ଟଙ୍କାର ପ୍ରକଳ୍ପକୁ Order pass କରାଇବା ପାଇଁ ଭି.କେ ପାଣ୍ଡିଆନ୍ ଚାପ ସୃଷ୍ଟି କରିଥିଲେ ଓ ଦେବ ପ୍ରସାଦ ଦାସ ଯେତେବେଳେ Disasled ବିଭାଗର ନିର୍ଦ୍ଦେଶକ ଥିଲେ ସମଗ୍ର ୧୭ଗୋଟି ଜିଲ୍ଲାର ବିକଳାଙ୍ଗ ଓ ଦିବ୍ୟାଙ୍ଗ ଲୋକମାନଙ୍କ ପାଇଁ ୧୭୦୦କୋଟି ଟଙ୍କାର Project ବା ତା'ର ନିରାଭରଣ ପାଇଁ ଏକ Left dive ecomony ଏବଂ ଅପରପକ୍ଷେ ବି.ଜେ.ଡି ଦଳର ନିର୍ବାଚନ ଖର୍ଚ୍ଚର ହାତ ପାଣ୍ଠି କିଭଳି ମଜଭୁତ୍ ହୋଇପାରିବ । ପାଣ୍ଡିଆନ୍ ଚିନ୍ତା ପ୍ରକଟ କରି ଆସିଥିଲେ । କିନ୍ତୁ ହେଲା କଅଣ ? ୨୦୦୪ରେ ପ୍ୟାରୀମୋହନ ମହାପାତ୍ରଙ୍କ ନିୟନ୍ତ୍ରଣାଧୀନ ସରକାର ନିର୍ବାଚନ ପରିଚାଳନା ଭାର ବି.ଜେ.ଡି ଦଳ ପାଇଁ ୪୫ କୋଟି ଟଙ୍କାର ସୀମିତ ରଖିଥିଲା ବେଳେ, ପ୍ୟାରୀମୋହନ ମହାପାତ୍ରଙ୍କ ପରେ ୨୦୧୪ ମସିହାରେ ବି.ଜେ.ଡି ଦଳର ନିର୍ବାଚନ ପରିଚାଳନା ଖର୍ଚ୍ଚ ହେଲା ୭୦୦ କୋଟି, ତ୍ରିବେଣୀ ଆର୍ଥମ୍ୟୁର ଖଣିଲିଜର ଦେଇଥିଲେ ୩୦୦କୋଟି ବି.ଜେ.ଡି ଦଳକୁ ନିର୍ବାଚନ ପରିଚାଳନା ଖର୍ଚ୍ଚ । ଏହାପରେ ୨୦୧୯ରେ ରୁଙ୍ଗଟା ମାଇନସ୍ ବି.ଜ.ଦ. ଦଳକୁ ନିର୍ବାଚନ ପରିଚାଳନା ଖର୍ଚ୍ଚ ଦେଇଥିଲା ଏକ ହଜାର କୋଟି । ଏହା ବାଦ୍ ଆପଣଙ୍କୁ ଆଉ ଗୋଟିଏ କଥା ମୁଁ ସୁଚେଇ ଦିଏ ଭି.କେ.ପାଣ୍ଡିଆନ୍ ନିର୍ବାଚନ ଖର୍ଚ୍ଚ ହେଲିକେପଟରେ ବୁଲିବା ଏବଂ ଏଜେନ୍ସୀ ମାଧ୍ୟମରେ ଅର୍ଥ ଯୋଗାଡ଼ ପାଇଁ ଅର୍ଥ ବନ୍ଦୋବସ୍ତ । ଏହା ଦ୍ୱାରା-ବାହୁବଳୀମାନଙ୍କୁ ପ୍ରେରଣା ଦେଲା ସିନା, ଜନସାଧାରଣଙ୍କ ଅର୍ଥନୀତି Growth Inchisive Growth rate qk Input subsidy ବୃଦ୍ଧି ପାଇଲା କଅଣ ? ୩୦୦ କୋଟି ଅର୍ଥ ଲା ବ୍ୟବସ୍ଥାରେ ସେତେବେଳର ମାନବ ସମ୍ବଳ-ବିକାଶ ମନ୍ତ୍ରୀ ବା ସୁପ୍ରିମ୍‌କୋଟର ଦଲାରୀ ଓ ଅଟାରୀ ନ୍ୟାୟଜୀବୀ କପିଳ ସିବାଲ୍ କିଟ୍‌କୁ Deemed universityର ମାନ୍ୟତା ପ୍ରଦାନ କରିଆସିଥିଲେ । ଏବେ କଂଗ୍ରେସର ସଭାପତି ଙ.ଚ.ଉ.ଉ.ର ଭକ୍ତଚରଣ ଦାସ ବେଦାନ୍ତ ପିଟରେ ନାଭ ଦେଇଛନ୍ତି । ଭଲରେ ଚଳିବା ପାଇଁ ଭଲରେ ରହିବା ପାଇଁ । ଓ ଆଉ ଗୋଟିଏ କଥା ମୁଁ ଉଲ୍ଲେଖ କରିପାରେ, ବି.ଜେ.ପି ଦଳରେ ଅର୍ଥରେ ନେତୃତ୍ୱ ନଥାଏ, ଯଦ୍ୱାରା କି ସେ କଥା ସେ ପ୍ରମାଣ କରି ଆମ ଓଡ଼ିଶାରେ ଦେଖାଇଛନ୍ତି । ଓଡ଼ିଶାରେ ଅର୍ଥନୈତିକ ବ୍ୟବସ୍ଥାରେ ଅରାଜକତା ଯେପରି ବ୍ୟାପିବ ନାହିଁ, ସେ ପ୍ରତି ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି । କିନ୍ତୁ ଏବେ ଯାହା ରାସ୍ତା ନିର୍ମାଣ ପଦ୍ଧତୀରେ ଯେଉଁ, ଯେଉଁ କାର୍ଯ୍ୟାନ୍ୱୟନ ରୂପରେଖ ଆସିଛି, ମାନ୍ୟବର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମାଧ୍ୟମରେ ତାହା ଅତ୍ୟନ୍ତ ପ୍ରଶଂସନୀୟ । ଙ୍ଗକ୍ଟକ୍ୱଳଙ୍ଖ ବିଭାଗ ସଚିବ, ଏବଂ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ବ୍ୟବସ୍ଥା Road Department କେଉଁ, କେଉଁ, ଯନ୍ତ୍ରୀମାନଙ୍କ ଦ୍ୱାରା ଭଲ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ, ତାହା ଅତ୍ୟନ୍ତ ପ୍ରଶଂସନୀୟ, ଓଡ଼ିଶାକୁ ବିକାଶ ଦିଗରେ ସତତ ପ୍ରଧାବମଡ଼ ରହିବାକୁ କାର୍ଯ୍ୟ କରୁଛନ୍ତି ଆମ ମାନ୍ୟବର ମନ୍ତ୍ରୀ । ତେବେ ପ୍ରଶ୍ନ ଆସୁଛି- ଅକ୍ଷୟ ପାତ୍ର ଯୋଜନା, ଓ ନବୀନ ବାବୁଙ୍କ ଭ୍ରାତୃଦେବ ପ୍ରେମ ପଟ୍ଟନାୟକଙ୍କ Construction କମ୍ପାନୀ ଓ ବ୍ଲାକରୋଜ୍ ଯାହାଜ ବୁଡ଼ି ଘଟଣା ଓ ଏବଂ ତତ୍‌ପରେ ଭୁବନେଶ୍ୱର ଉପକଣ୍ଠର shopping mall ସେଥିରୁ ୩୦% ଆଦାୟ, ନବୀନ ପଟ୍ଟନାୟକଙ୍କ ସେବାରେ ଓ ନଳିନୀ ଦେବୀ ବ୍ରହ୍ମପୁରର food shelter ଯୋଜନା ଓ Agriculture Dept. Pulse-Kiit ଦୁର୍ନୀତି ଓ କୃଷି କର୍ମଣ ପୁରସ୍କାର ଏହା ବାଦ୍ ବି.ଜେ.ଡି ଦଳର ପ୍ରଭୁତ ହାତପାଣ୍ଠି ପ୍ୟାଣ୍ଡିଆନ୍‌ଙ୍କ ପାଖରେ ସାତ ହଜାର କୋଟି ଫାର୍ମ ହାଉସ୍, ଭୁବନେଶ୍ୱରର ଯଯାତି ହୋଟେଲ୍, ଏ ସଂକ୍ରାନ୍ତରେ ଯଦି ଉ.ଇ.ଓ. କିମ୍ବା ର.ଉ. ର ପୁଙ୍ଖାନୁପୁଙ୍ଖ ତଦନ୍ତ ନହୁଏ, ତେବେ ଆଗାମୀ ଦିନରେ "ସହିବା ଆଉ କ୍ଷମତାରେ ରହିବା", ବି.ଜେ.ପି ପାଇଁ ଏକ ଅନିଶ୍ଚିତ ଭବିଷ୍ୟତ ହୋଇପଡିବ ବୋଲି ମୁଁ ମନେ କରେ !

*ପ୍ରାପ୍ତିସ୍ଥାନ - ସ୍ୱାମୀ ଚିଦାନନ୍ଦ*
*କୃପାଦ୍ୱାର, ସା/ପୋ. ଅ: କଣିଆ*
*ବାଲିକୁଦା, ଜି: ଜଗତ୍‌ସିଂହପୁର*
*ପିନ୍ ନଂ- ୭୫୪୧୦୮,*
*ଦୂରଭାଷ- ୮୭୬୩୯୪୭୦୦*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ



## ବ୍ରାଉନସୁଗାର ଜବତ:ବାଇକ ଓ ମୋବାଇଲ ସହ ଜଣେ ଗିରଫ





ଧାମନଗର (ପି.ଏନ): ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ବିଦେଶୀ ଓ ଦେଶୀ ମଦ ବିକ୍ରୀ ଦୋକାନ ଉପରେ ଚଢ଼ାଉ କରି ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ସେହିପରି ସୋମବାର ୧୧ଟା ସମୟରେ ଧାମନଗର ଏନ ଏ ସି ଅଞ୍ଚଳ ହବିବନଗର ଗ୍ରାମର ସେକ ସଦାମ ହୋସେନ ନାମକ ଜଣେ ଯୁବକ ଭଦ୍ରକ ଆଡୁ ମଟର ସାଇକେଲରେ ଧାମନଗରକୁ ବ୍ରାଉନସୁଗାର ନେଇ ଆସୁଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଥାନା ଏସଆଇ ରସ୍ମିତା ମଲ୍ଲିକ,ରାଜେଶ ସେଠୀ,ଏଏସଆଇ ପ୍ରତାପ ଚନ୍ଦ୍ର ରାଉତ ଓ ଅନ୍ୟ ପୋଲିସ ପଦ୍ମପୋଖରୀ ଛକ ନିକଟରେ ଚଢ଼ାଉ କରି ଘଟଣା ସ୍ଥଳରୁ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତରେ ୧୩ଗ୍ରାମ ବ୍ରାଉନସୁଗାର ସହ ମଟର ସାଇକେଲ ଏବଂ ମୋବାଇଲ ଫୋନ ଓ ନଗଦ ୧୨୫୦ ଟଙ୍କା ଜବତ ସହିତ ଜଣଙ୍କୁ ଗିରଫ କରିଛନ୍ତି। ଏନେଇ ଧାମନଗର ଥାନାକେସ ନଂ ୩୩୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।ଏହି ଭଳି ଅସାମାଜିକ ବ୍ୟକ୍ତିଙ୍କ ଉପରେ ବାରମ୍ବାର ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି କରିଛନ୍ତି।

## ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳିତ



ପାରାଦୀପ,(ପି.ଏନ): ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଗୁରୁ ବା ଶିକ୍ଷକ ଦିବସ ଏକ ସୁସ୍ଥ ପରିବେଶରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କ୍ଲବର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ଲବର ସମସ୍ତ ସଦସ୍ୟ ମାନେ ସମାଜରେ ଶିକ୍ଷକ ମାନଙ୍କର ଭୂମିକା ତଥା ଦେଶର ପ୍ରଗତି ଓ ସୁନାଗରିକ ସୃଷ୍ଟି ପଛରେ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାରାଦୀପ, କୁଜଙ୍ଗ ଓ ରାହାମା ଅଞ୍ଚଳ ସ୍କୁଲର ବହୁ ଶିକ୍ଷକ ଯୋଗଦାନ କରି ନିଜ ନିଜର ଅଭିଜ୍ଞତା ଓ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ବିପ୍ଳବ କୁମାର ଜେନା ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଶେଷରେ ୧୫ଜଣ ମନୋନୀତ ଶିକ୍ଷକଙ୍କୁ ସେମାନଙ୍କ ଉଚ୍ଚକୋଟୀର ସେବା ପାଇଁ କ୍ଲବ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ଓଡ଼ିଆ । ସମ୍ବାଦପତ୍ର ପାଇଁ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ ଦାବିରେ ୧୫ରେ
## କୋରାପୁଟରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର,(ପି.ଏନ): ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଆଗାମୀ ବୈଠକ ଆସନ୍ତା ସେପ୍ଟେମ୍ବର ୧୫, ୨୦୨୫ ତାରିଖ ଦିନ ଦିବା ୧୦ ଘଟିକା ସମୟରେ କୋରାପୁଟ ସହରର ଜଗନ୍ନାଥ ମନ୍ଦିର ପରିଚାଳିତ ଅତିଥି ଭବନ ସଭା କକ୍ଷଠାରେ ଅନୁଷ୍ଠିତ ହେବ । ଏହି ସଭାରେ ଯୋଗଦେବା ନିମନ୍ତେ ଆସୁଥିବା ସମ୍ପାଦକ ଓ ପ୍ରକାଶକମାନଙ୍କ ରହଣି ନିମନ୍ତେ ପ୍ରସ୍ତୁତି କମିଟି ପକ୍ଷରୁ ୧୫ ତାରିଖ ପାଇଁ ସଭା କକ୍ଷ ନିକଟସ୍ଥ ମୈତ୍ରୀ ପରିସରରେ କେ.ବି.କେ. ସମାଚାରର ସମ୍ପାଦକ ତଥା ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଅଭ୍ୟର୍ଥନା କମିଟି ଏହି ବୈଠକ ନିମନ୍ତେ ସମସ୍ତ ଆୟୋଜନ କରୁଅଛନ୍ତି । ଏ ସମ୍ପର୍କରେ ବୈଠକରେ ମୁଖ୍ୟତଃ ଓଡ଼ିଆ । ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରନ୍ତୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସମ୍ବାଦପତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଉ, ସମ୍ବାଦପତ୍ର ସମ୍ପାଦକ ଓ ମାଲିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯିବା । ସରକାରୀ ସୀକୃତି ପାଇଁ ଆବେଦନ କରିଥିବା ସମସ୍ତ ଖବର କାଗଜଗୁଡ଼ିକର ସୀକୃତି ପ୍ରଦାନ ସମ୍ପର୍କରେ ତ୍ୱରିତ ନିଷ୍ପତି ଗ୍ରହଣ କରାଯିବା । ସାମ୍ବାଦିକ ଓ ସମ୍ପାଦକମାନଙ୍କ ପାଇଁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବା । ସମ୍ପାଦକମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯିବା ସହ ସାଙ୍ଗଠନିକ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସଂଗଠନର ଅଧ୍ୟକ୍ଷ ରବି ରଥ ସୂଚନା ଦେଇଛନ୍ତି ।

## ଟୟୋଟା କିର୍ଲୋସ୍କର ମୋଟର ମୂଲ୍ୟ ହ୍ରାସ ଘୋଷଣା କରିଛି

ଭୁବନେଶ୍ୱର(ପି.ଏନ): GST ହାର ହ୍ରାସର ସମ୍ପୂର୍ଣ୍ଣ ଲାଭ ପ୍ରଦାନ କରୁଛି ବାଙ୍ଗାଲୋର ୦୬ ସେପ୍ଟେମ୍ବର ୨୦୨୫: ଗ୍ରାହକ ପ୍ରଥମ ଦର୍ଶନ ପ୍ରତି ଏହାର ଅଟଳ ପ୍ରତିବଦ୍ଧତା ଏବଂ ପ୍ରତ୍ୟେକ ସ୍ପର୍ଶପଏଣ୍ଟରେ ଆନନ୍ଦଦାୟକ ଅଭିଜ୍ଞତା ପ୍ରଦାନ କରିବା ସହିତ, ଟୟୋଟା କିର୍ଲ ?ସ୍କର ମୋଟର (ଞକଗ) ଆଜି ଘୋଷଣା କରିଛି ଯେ ଏହା ସମ୍ପ୍ରତି ଏଝଞ ହାର ହ୍ରାସର ଲାଭ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଦାନ କରିବ। ସଂଶୋଧିତ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ କାର୍ଯ୍ୟକାରୀ ହେବ। ଏହି ଘୋଷଣା କରି, ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟ ଏବଂ ଲାଭ ବୃଦ୍ଧିର ଉପାଧ୍ୟକ୍ଷ ଭାରିନ୍ଦର ଓ୍ୱାଧୱା କହିଛନ୍ତି: "ଆମେ ଏହି ଐତିହାସିକ ସଂସ୍କାର ପାଇଁ ଭାରତ ସରକାରଙ୍କୁ ଆନ୍ତରିକ ଭାବରେ ଧନ୍ୟବାଦ ଦେଉଛୁ। ଏହା କେବଳ ଗ୍ରାହକମାନଙ୍କ ପାଇଁ ସୁଲଭତା ବୃଦ୍ଧି କରିନାହିଁ ବରଂ ଅଟୋ କ୍ଷେତ୍ରରେ ସାମଗ୍ରିକ ବିଶ୍ୱାସକୁ ମଧ୍ୟ ମଜବୁତ କରିଛି। ପାର୍ବଣ ଋତୁ ପୂର୍ବରୁ ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପ ଏକ ଦୃଢ଼ ଗତି ପ୍ରଦାନ କରିବ ଏବଂ ଚାହିଦାକୁ ଆହୁରି ତ୍ୱରାନ୍ୱିତ କରିବ। ଏକ ସ୍ୱଚ୍ଛ ଏବଂ ଗ୍ରାହକ-କେନ୍ଦ୍ରିକ କମ୍ପାନୀ ଭାବରେ, ଆମେ ଆମର ଗ୍ରାହକମାନଙ୍କୁ ଏହି ଲାଭ ପ୍ରଦାନ କରିବାକୁ ଖୁସି। ଆମେ ବିଶ୍ୱସ୍ତରୀୟ ଗତିଶୀଳତା ସମାଧାନଗୁଡ଼ିକୁ ଅଧିକ ସୁଲଭ କରିବା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ ଏବଂ ଏପରି ସଂସ୍କାରକୁ ସ୍ୱାଗତ କରୁ ଯାହା ଚାହିଦାକୁ ପ୍ରୋତ୍ସାହିତ କରିବ।

## ହିମାଂଶୁ ହେଲେ ଜିଲ୍ଲା ଯୁବକଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜିଲ୍ଲା ସଂଯୋଜକ ତଥା କାର୍ଯ୍ୟକାରୀ ସଦସ୍ୟ ଭାବେ ଯୁବନେତା ହିମାଂଶୁ ଭୂଷଣ ନନ୍ଦଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜାତୀୟ ମୁଖ୍ୟ ମନୁ ଜୈନ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଯୁବନେତା ଶ୍ରୀ ନନ୍ଦ ଜଣେ ଦକ୍ଷ ସଂଗଠକ ଭାବେ ପୂର୍ବରୁ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହ କରି ଆସିଛନ୍ତି। ଶ୍ରୀ ନନ୍ଦ ହେଉଛନ୍ତି ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମପ ।ୟତର ନୂଆପାଟଣା ଗ୍ରାମର ବାସୀନ୍ଦା। ଏହି ନିଯୁକ୍ତି ପାଇଁ ଶ୍ରୀ ନନ୍ଦ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁଜୀ, ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜାତୀୟ ମୁଖ୍ୟ ମନୁ ଜୈନ, ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ମୁକେଶ ଜୀ, ରାଜ୍ୟ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମର ଭାରପ୍ରାପ୍ତ ଅଧିକାରୀ ଦୁଲାଲ ଶର୍ମା, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ମନୋଜ ବେହେରା, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ ଓ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରି ଦଳର ସଂଗଠନକୁ ଅଧିକ ମଜଭୁତ କରିବାକୁ ପ୍ରୟାସ କରିବେ ବୋଲି ଶ୍ରୀ ନନ୍ଦ କହିଛନ୍ତି। ନିଯୁକ୍ତି ପରେ ଶ୍ରୀ ନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସରକାର ଆଉ କେତେଦିନ ନେତୃତ୍ୱର ଭ୍ରୂଣହତ୍ୟା କରୁଥିବେ: ଭକ୍ତ



ଭୁବନେଶ୍ୱର,(ପି.ଏନ): ଦେଶର ଛାତ୍ରସମାଜକୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧି ମତଦାନ ଅଧିକାରକୁ ୧୮ ବର୍ଷକୁ ଖସାଇଥିଲେ। କିନ୍ତୁ ୨୦୧୭-୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳୀନ ସରକାର ବନ୍ଦ କରିଦେଲେ। ବର୍ତ୍ତମାନର ସରକାର ମଧ୍ୟ ନିର୍ବାଚନ କରିବା ଦିଗରେ ଉଦ୍ୟମ କରୁନାହାନ୍ତି। ଛାତ୍ର ନିର୍ବାଚନ ବନ୍ଦ କରିବା ଅର୍ଥ ହେଲି ରାଜନୈତିକ ଦଳମାନେ ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ ସେହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ।ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ ସିଏ ଦେଶ ଆଉ ଦଶ ପାଇଁ ଚିନ୍ତାକରେ। ମୁଁ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲି, ସେତେବେଳେ ୨୦୦୦ ସାଇକେଲରେ ଛାତ୍ର ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ତେଣୁ ଅସମ୍ଭବ ବୋଲି କିଛି ନାହିଁ, କେବଳ ଗଭୀର ଆତ୍ମବିଶ୍ୱାସ ଦରକାର। ବିଜେଡି-ବିଜେପି ଛାତ୍ର ନିର୍ବାଚନରେ ଟଙ୍କାର ସୁଅ ବୁହାଉଛନ୍ତି, କିନ୍ତୁ ଆମେ ନିର୍ବାଚନରେ ବିଧାୟକ ପ୍ରାର୍ଥୀଙ୍କୁ ଅର୍ଥ ଦେଇପାରୁନୁ। ତେଣୁ ଯେଉଁ ଛାତ୍ରମାନେ ରାହୁଲ ଗାନ୍ଧୀଙ୍କ ବିଚାରଧାରା, କଂଗ୍ରେସର ସ୍ୱାଧୀନଚେତା ମନୋଭାବ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଅନୁପ୍ରାଣିତ ହେଇଛନ୍ତି, ଯେଉଁମାନେ ଓଡିଶା ଏବଂ ନିଜ ଜିଲ୍ଲାର ଭାଗ୍ୟ ନିର୍ମାଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମସ୍ତ ପ୍ରକାର ସହଯୋଗ କରିବ। ସେଇ ଛାତ୍ରଗଣ ସ୍ଥାନୀୟ ଏନଏସୟୁ ଛାତ୍ର କର୍ମକର୍ତ୍ତାଙ୍କୁ ଭେଟିବା ପାଇଁ ଅନୁରୋଧ କରୁଛି। ଛାତ୍ର ସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହିତ ଭାଇଚାରାର ପୁନଃପ୍ରତିଷ୍ଠା କରୁ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରୁଛି। ଛାତ୍ରଙ୍କୁ ନିବେଦନ, ନିର୍ବାଚନ ସଂଘର୍ଷ ଯେମିତି ଅହିଂସା ଉପାୟରେ ହେବ, ନିଜ କର୍ତ୍ତବ୍ୟ ଅନୁଯାଇ ସଂଗଠନ ମାଧ୍ୟମରେ ନିଜ ଭବିଷ୍ୟତ ଗଢନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡବଡ ନେତା ସୃଷ୍ଟି ହୋଇଛନ୍ତି, ଯେଉଁମାନେ କି ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ? ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି। ଜେ.ବି. ପଟ୍ଟନାୟକ ରାଭେନ୍ସା କଲେଜ ଛାତ୍ର ଥିବାବେଳେ ୟୁନିୟନ ଜ୍ୟାକ୍ ପତାକା ଓହ୍ଲେଇଦେଇଥିଲେ। ସ୍ୱର୍ଗୀୟ ଶ୍ରୀବଲ୍ଲଭ ପାଣିଗ୍ରାହୀ ଜିଏମ୍ ? କଲେଜ ଛାତ୍ରସଂସଦର ସଭାପତି ଥିବାବେଳେ ନିରଂଜନ ପଟ୍ଟନାୟକ ସାଧାରଣ ସଂପାଦକ ହୋଇଥିଲେ। ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ କ୍ୟାମ୍ପସ ରାଜନୀତିରୁ ଆସିଥିବା ବେଳେ, ପଞ୍ଚାନନ କାନୁନଗୋ, ସ୍ୱର୍ଗୀୟ ଲୁଲୁ ମହାପାତ୍ର ମଧ୍ୟ ଛାତ୍ର ରାଜନୀତିରୁ ଆସିଥିଲେ। ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ମଧ୍ୟ ଅତୀତରେ ଛାତ୍ରନେତା ଥିଲେ। ଏବର ପିସିସି ସଭାପତି ଭକ୍ତ ଚରଣ ଦାସ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟ ଛାତ୍ରସଂସଦ ସଭାପତି ନିର୍ବାଚିତ ହେବା ପରଠାରୁ ରାଜନୀତିରେ ପ୍ରତିଷ୍ଠିତ ହୋଇଥିଲେ। ଯୁବଛାତ୍ର ସଂଘର୍ଷ ବାହିନୀର ପ୍ରଥମେ ରାଜ୍ୟ ଓ ପରେ ସର୍ବଭାରତୀୟ ସଭାପତି ହେବା ସହ କଳାହାଣ୍ଡି ଓ ଅନ୍ୟାନ୍ୟ ସ୍ଥାନରେ ବହୁ ଆନ୍ଦୋଳନ କରିଥିଲେ। ଦୁଇ ପୂର୍ବତନ ସାଂସଦ ସେ ?ମ୍ୟରଂଜନ ପଟ୍ଟନାୟକ ଓ ବ୍ରହ୍ମାନନ୍ଦ ପଣ୍ଡା ୧୯୬୯-୭୦ ଶିକ୍ଷାବର୍ଷରେ ରାଭେନ୍ସା କଲେଜରେ ପରସ୍ପର ବିରୋଧରେ ଲ?ିବା, ଅଶୀ ଦଶକ ଶେଷରେ ଛାତ୍ରନେତା ଥିବାବେଳେ ବାଣୀବିହାର ନିର୍ବାଚନ ?ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଲଢ଼େଇ ଆଜି ମଧ୍ୟ ଓଡିଶା ଛାତ୍ର ରାଜନୀତିର ଚର୍ଚ୍ଚିତ ଅଧ୍ୟାୟ ଭାବେ ଗଣାଯାଏ। ବିଜେଡିରେ ଅରୁଣ ସାହୁଙ୍କ ବ୍ୟତୀତ ପ୍ରତାପ ଜେନା ଓ ରାଜା ସ୍ୱାଇଁଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ଛଡା, ସୁରେଶ ପୂଜାରୀ ଓ ମନମୋହନ ସାମଲଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ଶିକ୍ଷାମନ୍ତ୍ରୀ କହିଥିଲେ, ଛାତ୍ରସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ। ଗତବର୍ଷ ବି ତ ଠିକଣା ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି ବୋଲି ସେ ଚେତାଇ ଦେଇଥିଲେ ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ.ମନିଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହି ଶିଘ୍ର ଛାତ୍ରସଂସଦ ନିର୍ବାଚନ କରିବାକୁ ଦାବି କରିଥିଲେ। ଦିବଂଗତ ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକରେ ପିସିସି ସଭାପତି ଶ୍ରୀ ଦାସଙ୍କ ଆହ୍ୱାନ କ୍ରମେ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray